# Akashvani, Sambalpur

## SAMBALPURI NEWS EVENING BULLETIN

## 23 August 2024- 7.02 pm- 7.12 pm.

*********************************************

୧- ଭାରତୀୟ ମହାକାଶ୍ ଅନୁସନ୍ଧାନ୍ ସଂଗଠନ୍ - ଇସ୍ରୋ ଦେଶର୍ ସାମାଜିକ୍, ଆର୍ଥିକ୍ ବିକାଶ୍ କ୍ଷେତ୍ର ନ ଅଭୂତପୂର୍ବ ଯୋଗଦାନ୍ ଦେଇଛେ-କହେଲେ ରାଷ୍ଟ୍ରପତି ।

୨- ମହିଳାମାନ୍‌କୁ ସଶକ୍ତ କରବାର୍‌କେ ସୁଭଦ୍ରା ଯୋଜ୍‌ନା ଘୋଷ୍‌ନା କଲେ ରାଜ୍ୟ ସର୍‌କାର୍ - ୫ ବଛ୍‌ରେ ମିଲ୍‌ବା ୫୦ ହଜାର୍ ଟଙ୍କା ।

୩- ଜନଜାତି ଗୋଷ୍ଠୀଙ୍କର୍ ପାଖେ ସବୁ ସର୍‌କାରୀ ସୁବିଧା ପୁହୁଁଚିବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମୁଲ୍ ହେଲା ଆଇ.ଇ.ସି. ଅଭିଯାନ୍ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ନ ଥିବା ଖାଲି ଆଲ୍‌ମିରା ଆର୍ ବାକସ୍ ହେଲା ସ୍ଥାନାନ୍ତରଣ୍ ।

ସ୍ପେସ୍ ଡେ ଆର୍ଏନ୍ୟୁ/ କଟକ୍

ଭାରତୀୟ ମହାକାଶ୍ ଅନୁସନ୍ଧାନ୍ ସଂଗଠନ୍- ଇସ୍ରୋ ଦେଶର୍ ସାମାଜିକ୍, ଆର୍ଥିକ୍ ବିକାଶ୍ କ୍ଷେତ୍ର ନ ଅଭୁତପୂର୍ବ ଯୋଗଦାନ୍ ଦେଇଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଆଏଜ୍ ପହେଲା ରାଷ୍ଟ୍ରୀୟ ମହାକାଶ୍ ଦିବସ୍ ମୁଖ୍ୟ କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ଯେ, ଭାରତ୍ର ମହାକାଶ୍ ଗବେଷଣା ମହାକାଶ୍ର ବହୁତ୍ଟେ ରହସ୍ୟକେ ଲୁକ୍କର୍ ନଜର୍କେ ଆନ୍ବାର୍ଥି ସକ୍ଷମ୍ ହେବା ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

କେନ୍ଦ୍ର ବିଜ୍ଞାନ୍ ଆଉ ବୈଷୟିକ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ କହିଛନ୍ ଯେ, ମହାକାଶ୍ କ୍ଷେତ୍ର ନ ଆଘୋନୁ ରହିଥିବା ସବୁ ପ୍ରତିବନ୍ଧକ୍କେ କେନ୍ଦ୍ର ସର୍କାର୍ ହଟେଇଛନ୍ । ସେ କହିଛନ୍ ଯେ, ୭୦ ବଛର୍ ହେଲା ମହାକାଶ୍ କ୍ଷେତ୍ର ନ ରହିଥିବା ଗୋପନୀୟତାକେ ଦୂର୍ କରିକରି ଆଏଜ୍ ଦେଶ୍ ଆଗ୍କେ ବଢୁଛେ । ଇନ ଜନେଇ ଦିଆଯାଇପାରେ ଯେ, ଦେଶେ ଆଏଜ୍ ପହେଲା ଜାତୀୟ ମହାକାଶ୍ ଦିବସ୍ ପାଲନ୍ କରାଯାଉଛେ । ଚନ୍ଦ୍ରଯାନ୍ - ୩ ର ସଫଳତା ଉତ୍ରୁ ଅଗଷ୍ଟ ମାସର୍ ୨୩ ତାରିଖ୍କେ ଜାତୀୟ ମହାକାଶ୍ ଦିବସ୍ ପାଲନ୍ କର୍ବାର୍ ଲାଗି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷ୍ନା

କରିଥିଲେ । ଗଲାବଛର୍ ଚନ୍ଦ୍ରଯାନ୍-୩ ଚନ୍ଦ୍ରର୍ ଦକ୍ଷିଣ ମେରୁ ନ ଉତ୍ରିଥିଲା ।

## ସୁଭଦ୍ରା ଯୋଜ୍ନା            ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ମହିଳାମାନ୍କୁ ସଶକ୍ତ କର୍ବାର୍କେ 'ସୁଭଦ୍ରା' ଯୋଜ୍ନା ଘୋଷ୍ନା କରିଛନ୍ । ଆଏଜ୍ ବିଧାନ୍ସଭା ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ହେଇଥିବା କେବିନେଟ୍ ନିଷ୍ପତି ବାବ୍ଦେ ସୂଚ୍ନା ଦେଇକରି କହିଛନ୍ ଯେ, ସୁଭଦ୍ରା ଯୋଜ୍ନା ୨୦୨୪-୨୫ ନୁ ମୁଲ୍ ହେଇକରି ୨୦୨୮-୨୯ ଆର୍ଥିକ୍ ବଛର୍ତକ୍ କାର୍ଯ୍ୟକାରୀ ହେବା । ଇଥିର୍ଲାଗି ୫୫ ହଜାର୍ ୮ ଶହ ୨୫ କୋଟି ଟଙ୍କାର୍ ବଜେଟ୍ ବ୍ୟବସ୍ଥା କରାଯାଇଛେ । ଇ ଯୋଜ୍ନାଥି ରାଜ୍ୟର୍ ୧ କୋଟିନୁ ଅଏତ୍କା ମହିଳାଙ୍କର୍ ଜୀବନ୍ଥି ପରିବର୍ତନ୍ ଆନ୍ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟର୍ ୨୧ ବଛର୍ କି ତାର୍ନୁ ଅଏତ୍କା ବୟସର୍ ଆର୍ ୬୦ ନୁ କମ୍ ବୟସର୍ ସବୁ ଯୋଗ୍ୟ ମହିଳାଙ୍କୁ ଇଥି ସାମିଲ୍ କରାଯିବା । ଫି ବଛର୍ ସବୁ ହିତାଧିକାରୀଙ୍କୁ ରାକ୍ଷୀପୁନି ଆଉ ଅନ୍ତର୍ଜାତୀୟ ମହିଳା ଦିବସ୍ ମାର୍ଚ୍ଚ ୮ ତାରିଖ୍ ଦିନ ୫ ହଜାର୍ ଟଙ୍କା ଲେଖା ବଛର୍କ ମୋଟ୍ ୧୦ ହଜାର୍ ଟଙ୍କା ଦିଆଯିବା । ସାହାଜ୍ ଦେବାର୍ଥି ସ୍ୱଚ୍ଛତାକେ ନିର୍ଶ୍ଚିତ୍ କର୍ବାର୍ ଲାଗି ଆଧାର୍

ପେମେଂଟ୍ ବ୍ରିଜ୍ ସିଷ୍ଟମ୍- ଏପିବିଏସ୍ ଜରିଏ ଯୋଗ୍ୟ ହିତାଧିକାରୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ସିଧାସଲଖ୍ ଡିବିଟି ଜରିଏ ସାହାଜ୍ ପଠାଯିବାର୍ ସହେତେ ହିତାଧିକାରୀମାନ୍‌କୁ ଗୁଟେ ସୁଭଦ୍ରା ଡେବିଟ୍ କାର୍ଡ୍ ଭିଲ୍ ଦିଆଯିବା ।

ଇ ଯୋଜ୍‌ନାଥି ସାମିଲ୍ ହେବାର୍ ଲାଗି ମହିଲାମାନେ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ରମାନ୍‌କେ ମାହାଲିଆ ମିଲୁଥିବା ଫର୍ମ ପୂରଣ୍ କରିକରି ଆବେଦନ୍ କରିପାର୍‌ବେ । ସୁଭଦ୍ରା ଯୋଜ୍‌ନା ଲାଗି ଗୁଟେ କଲ୍ ସେଂଟର୍ ଭିଲ୍ କାର୍ଯ୍ୟକ୍ଷମ୍ ହେବା ।

ହେଲେ ଆର୍ଥିକ୍ ସ୍ୱଚ୍ଛଳ ବର୍ଗର୍, ସର୍‌କାରୀ ଚାକିରୀ କରୁଥିବା ଆଉ ଆୟକର ଦଉଥିବା ମହିଲାମାନେ ଇ ଯୋଜ୍‌ନା ଲାଗି ଯୋଗ୍ୟ ବିବେଚିତ ନାଇଁ ହୁଅନ୍ । ଇତାର୍‌ଛଡ଼ା କେନ୍‌ସି ସର୍‌କାରୀ ଯୋଜ୍‌ନାଥି ମାସ୍‌କ ଦେଢ୍ ହଜାର୍ ଟଙ୍କା କି ବଛର୍‌କ ୧୮ ହଜାର୍‌ନୁ ଜହ ଟଙ୍କା ସାହାଜ୍ ପାଉଥିବା ମହିଲାମାନେ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ ନାଇଁ ହେଇପାରନ୍ ।

ବିଧାନ୍‌ସଭା ଆର୍‌ଏନ୍‌ୟୁ/ କଟକ୍

୧୭ ନମ୍ବର୍ ବିଧାନ୍‌ସଭାର ୨ ନମ୍ବର୍ ଅଧିବେଶନ୍‌ର ୪ ନମ୍ବର୍ ଦିନେ ଆଏଜ୍ ପ୍ରଶ୍ନକାଳଥି ବିରୋଧୀ ଦଲର୍ ସଦସ୍ୟମାନେ

ଭିନ୍ ଭିନ୍ ପ୍ରସଙ୍ଗରୁ କିର୍ଲାଗଗା କର୍‌ବାର୍‌ନୁ ଗୃହ କାର୍ଯ୍ୟ ବାଧା ହେଇଥିଲା । ବିଜୁ ଜନତା ଦଲ୍ ଆଉ କଂଗ୍ରେସ୍ ସଦସ୍ୟମାନେ ଚିକିଟି ମଦମୃତ୍ୟୁ ପ୍ରସଙ୍ଗକେ ନେଇକରି ଅବକାରୀ ମନ୍ତ୍ରୀଙ୍କର୍ ଇସ୍ତଫା ଦାବି କରିଥିଲେ । ଶୂନ୍ୟକାଳରୁ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଗୃହ ନ ଉତର୍ ଦେଇକରି କହିଛନ୍ ଯେ, ବେଆଇନ୍ ମଦ ବିକ୍ରି କାର୍‌ବାର୍ ରୁକ୍‌ବାର୍ ଲାଗି ସର୍‌କାର୍ ସବୁ ପ୍ରକାର୍ ପଦକ୍ଷେପ୍ ନେବେ । ଶିକ୍ଷାନୁଷ୍ଠାନ୍ ଆଉ ଧାର୍ମିକ୍ ସ୍ଥଲ୍ ପାଖେ ମଦ ଦୁକାନ୍ ନାଇଁ ରହେ । ସର୍‌କାର୍ ଇଥିର୍‌ଲାଗି ନିର୍ଣ୍ଣିତ୍ ପଦକ୍ଷେପ୍ ନେଉଛନ୍ । ନିଶା ନିବାରଣ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ସର୍‌କାରୀ ସ୍ତର୍‌ରୁ ବଡ଼୍ ଧରଣ୍‌ର ପଦକ୍ଷେପ୍ ନିଆଯାଉଛେ । ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ନୂଆଁ ଅବକାରୀ ନୀତି ଆନ୍‌ବେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ-ଅନୁଦାନ୍ ଆର୍‌ଏନ୍‌ୟୁ/ କଟକ୍

୨୦୧୯-୨୦ ଆର୍ଥିକ୍ ବଛର୍‌ନୁ ୨୦୨୩-୨୪ ତକ୍ ୫ ବଛର୍ ଭିତ୍‌ରେ ରାଜ୍ୟ ସର୍‌କାର୍ ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍‌କେ ମୋଟ୍ ୧ ହଜାର୍ ୨୫ କୋଟି ଟଙ୍କାର୍ ଅନୁଦାନ୍ ଦେଇଛନ୍ । ବିଧାନ୍‌ସଭାରୁ ବିଧାୟକ ଅରୁଣ୍

କୁମାର୍ ସାହୁଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ଏଛେନ୍‌ତକ୍ ଅନୁଦାନ୍ ଟଙ୍କାନୁ ଗଲା ୫ ବଛର୍ ଭିତ୍‌ରେ ୧୦ ହଜାର୍ ୪ ଶହ ୯୧ ଟା ପ୍ରକଳ୍ପକେ ପରିଷଦ୍ ତର୍‌ଫୁ ପ୍ରଶାସନିକ୍ ମଞ୍ଜୁରୀ ଦିଆଯାଇଛେ । ସେଥିର୍‌ଭିତ୍‌ରୁ ୪ ହଜାର୍ ୯ ଶହ ୧୮ ଟା ପ୍ରକଳ୍ପର କାମ୍ ପୁରା ହେଇଛେ । ବାକି ୫ ହଜାର୍ ୫ ଶହ ୭୩ ଟା ପ୍ରକଳ୍ପ ତିଆରି କାମ୍ ଜାରି ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଆଇ.ଇ.ସି ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଦେଶର୍ ଶହେ ୯୪ ଟା ଜିଲ୍ଲାର୍ ଖାସ୍ କରି ଲୋପ୍ ପାଇଯାଉଥିବା ଜନଜାତି ଗୋଷ୍ଠୀ, ବସ୍ତି ଆର୍ ସେମାନ୍‌କର୍ ପରିବାର୍‌ମାନ୍‌କର୍ ନିକେ ପୁହୁଁଚିବାର୍ ଲାଗି ସୂଚନା, ଶିକ୍ଷା, ଯୋଗାଯୋଗ -ଆଇ.ଇ.ସି ଅଭିଯାନ୍ ମୁଲ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ୍- ପିଏମ୍ ଜନମନ ଲାଗି ସାରାଦେଶେ ଆଇ.ଇ.ସି. ଅଭିଯାନ୍ ଆଏବା ମାସ ୧୦ ତାରିଖ୍‌ତକ୍ ଚାଲ୍‌ବା । ଇ ବଛର୍ ଓଡ଼ିଶା ସହେତେ ୧୬ ଟା ରାଜ୍ୟ ଆର୍ ଆଣ୍ଡାମାନ୍ - ନିକୋବର୍ ଦ୍ୱୀପପୁଞ୍ଜର୍ ୨୮ ହଜାର୍ ୭ ଶହ ପିଭିଟିଜି ବସ୍ତିର ୧୦ ଲାଖ୍ ୭ ହଜାର୍ ପିଭିଟିଜି

ପରିବାର୍ର ୪୪ ଲାଖ୍ ୬ ହଜାର୍ ପିଭିଟିଜି ଲୁକ୍କର୍ ପାଖ୍କେ ପୁହୁଁଚିବାର୍ ଲାଗି ବ୍ୟାପକ୍ ଅଭିଯାନ୍ର ପରିକଳ୍ପନା କରାଯାଇଛେ । ରାଜ୍ୟନୁ ଜିଲ୍ଲା, ବ୍ଲକ୍ନୁ ଗାଁ, ପିଭିଟିଜି ବସ୍ତି ସ୍ତର୍‌ତକ୍ ସବୁ ସ୍ତର୍ ନ ସଚେତନତା ସୃଷ୍ଟି କରାଯିବା ।

## ପିଏମ୍ ଜନମନ ଯୋଜ୍ନା-ସଚେତନତା ରଥ

କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ପିଏମ୍ ଜନମନ ଯୋଜ୍ନା ବାବ୍ଦେ ଗୁଟେ ସଚେତନତା ରଥ ଜିଲ୍ଲାପାଲ୍ ସଚିନ ପାୱାର୍ ଶାଗୁଆ ପତ୍କା ଦେଖେଇକରି ଶୁଭାରମ୍ଭ କରିଛନ୍ । ଇ ରଥ ଆଦିବାସୀ ଅଧ୍ଯୁଷିତ ଲାଞ୍ଜିଗଡ଼୍ ବ୍ଲକ୍ର କୁଟିଆ କନ୍ଧ ଗାଁ ବୁଲ୍ବା । ଇ ସମିଆଥି ଭିନ୍ ଭିନ୍ ସର୍କାରୀ ଯୋଜ୍ନା ସୁନିଶ୍ଚିତ୍ କର୍ବାର୍ ଲାଗି ଇ ସଚେତନତା ଅଭିଯାନ୍ ଆଏବା ମାସ ୧୦ ତାରିଖ୍‌ତକ୍ ଚାଲ୍ବା । ଇଥିର୍ଲାଗି ୨୫ ଟା ଗ୍ରାମ୍‌ପଂଚାୟତ୍ ସ୍ତରୀୟ ଟିମ୍ ଗଠନ୍ କରାଯାଇଛେ ।

## ରତ୍ନଭଣ୍ଡାର ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ମାର୍ଗଦର୍ଶିକା ଅନ୍ସାରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ର ବାହାର ଆଉ ଭିତର ରତ୍ନଭଣ୍ଡାର୍ ନ ଥିବାର୍

ଖାଲି ଆଲ୍‌ମିରା ଆର୍ ବାକସ୍ ମାନ୍‌କେ ସ୍ଥାନାନ୍ତରଣ୍ କରାଯାଇଛେ । ଶ୍ରୀମନ୍ଦିର୍ ପରିସର୍ ନ ଥିବା ନୀଳାଦ୍ରୀ ବିହାର୍ ମ୍ୟୁଜିୟମ୍ ପାଖର୍ ଗୁଟେ ଘରେ ସୁରକ୍ଷିତ୍ ରଖାଯାଇଛେ । ଇତାର୍‌ସହେତେ ମାର୍ଗଦର୍ଶିକା ଅନ୍‌ସାରେ ଭିତର ଆର୍ ବାହାର ରତ୍ନଭଣ୍ଡାର୍‌କେ ସିଲ୍ କରାଯାଇଛେ । ସେନ୍ତା ଖାଲି ଆଲ୍‌ମିରା ଆର୍ ବାକସ୍ ରଖାଯାଇଥିବା ଘର୍‌କେ ଭିଲ୍ ତାଲା ପକେଇକରି ବନ୍ଦ୍ କରି ଦିଆଯାଇଛେ । ଭିତର୍ ରତ୍ନଭଣ୍ଡାର୍‌ର ଦୁହି ଚାବିକେ ଜିଲ୍ଲା ଟ୍ରେଜେରୀ ନ ରଖାଯିବା ବଲି ଶ୍ରୀଜଗନ୍ନାଥ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ପଂଚାୟତ୍ ସମିତିର୍ ବୈଠକ୍-ସମ୍ବଲପୁର  ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ କାର୍ଯ୍ୟାଳୟର୍ ସଭାଗୃହ ନ ପଂଚାୟତ୍ ସମିତିର୍ ବୈଠକ୍ ହେଇଯାଇଛେ । ଇଥି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାର୍ କାର୍ଯ୍ୟକାରିତାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ରେଢ଼ାଖୋଲ୍ ବିଧାୟକ୍ ପ୍ରସନ୍ନ କୁମାର୍ ଆଚାର୍ଯ୍ୟ ଇଥି ଯୋଗ୍ ଦେଇକରି ଉନ୍ନୟନ୍‌ମୂଳକ୍ କାମ୍ ମାନ୍‌କର୍ ସମୀକ୍ଷା କରିଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲାସ୍ତରୀୟ କ୍ରୀଡ଼ା       ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ନୂଆଁ ରମ୍ଭେଲା ହାଇସ୍କୁଲ୍ ନ ଜିଲ୍ଲାସ୍ତରୀୟ ବିଦ୍ୟାଲୟ ସମୂହର ଖୋ ଖୋ, ଫୁଟ୍‌ବଲ୍ ଆର୍ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ୍ ହେଇଯାଇଛେ । ରେଙ୍ଗାଲି ବ୍ଲକ୍ ପଂଚାୟତ୍ ସମିତି ଅଧ୍ୟକ୍ଷ ସତ୍ୟନାରାୟଣ୍ ଅଗ୍ରୱାଲ୍ ଇ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ । ପ୍ରତିଯୋଗିତାଥି ସମ୍ବଲ୍‌ପୁର୍ ଜିଲ୍ଲାର୍ ୯ ଟା ବ୍ଲକ୍‌ନୁ ୬ ଶହ ୩୮ ଝନ୍ ଛାତ୍ରଛାତ୍ରୀ ଇଥି ଭାଗ୍ ନେଇଥିଲେ ।

ସ୍ୱଭାବକବି ଗଙ୍ଗାଧର୍ ମେହେର　　　ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ ନ ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ପାଳିତ୍ ହେଇଯାଇଛେ । ନୀଳଚକ୍ର ସାହିତ୍ୟ ସଂସଦ୍ ଆର୍ ବୌଦ୍ଧ ପଂଚାୟତ୍ କଲେଜ୍‌ର ଓଡ଼ିଆ ଭାଷା ଆଉ ସାହିତ୍ୟ ବିଭାଗ୍ ତର୍‌ଫୁ ଡକ୍ଟର୍ ସଞ୍ଜୟ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ଜୟନ୍ତୀ ଉତ୍ସବ୍‌ଥି କଲେଜ୍ ଅଧ୍ୟକ୍ଷ ନିରଞ୍ଜନ୍ ମିଶ୍ର ମୁଖ୍ୟଅତିଥି ଆଉ ଡକ୍ଟର୍ ଶରତ୍ ଚନ୍ଦ୍ର ପତି ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇକରି ପ୍ରକୃତି କବିଙ୍କର୍ ସାରସ୍ୱତ କୃତିର ସ୍ମୃତି ଚାରଣ୍ କରିଥିଲେ ।

ନୂଆପଡ଼ା-ଗୋବନ୍ଧ୍ୟା ଚିକିତ୍ସା ଶିବିର　　ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍‌ର ବିରିଘାଟ୍ ଗାଁ ନ ପଶୁଧନ ଜାଗୃତି ଅଭିଯାନ୍ ଗୋକୁଲ୍ ମିଶନ୍ ତର୍‌ଫୁ ଗୋବନ୍ଧ୍ୟା ଚିକିତ୍ସା ଶିବିର ଆଉ ସଚେତନ୍ କର୍ମଶାଲା ହେଇଯାଇଛେ । ଇ ଅବ୍‌ସରେ ଗୋସମ୍ପଦ ପ୍ରଦର୍ଶନୀ ଆଉ ସେମାନ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

କଲାହାଣ୍ଡି-ସମୀକ୍ଷା ବୈଠକ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ ସଚିନ୍ ପାୱାର୍‌ଙ୍କର୍ ଅଧ୍ୟକ୍ଷତାଥି ଆକାଂକ୍ଷୀ ଜିଲ୍ଲା ଆର୍ ସମ୍ପୂର୍ଣ୍ଣତା ଅଭିଯାନ୍ ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଗର୍ଭବତୀ ମହିଳାମାନ୍‌କର୍ ନାଁ ରେଜିଷ୍ଟ୍ରେସନ୍ ଆଉ ସେମାନ୍‌କୁ ପୁଷ୍ଟିସାର ଖାଦ୍ୟ ଦିଆଯିବାର୍, ଚାଷୀମାନ୍‌କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ଼ ବାଂଟ୍‌ବାର୍, ୯ ନୁ ୧୧ ମାସ୍ ଭିତ୍‌ରେ ଛୋଟ୍ ଛୁଆମାନ୍‌କୁ ଟୀକା ଦିଆଯିବାର୍, ବିଦ୍ୟାଳୟମାନ୍‌କୁ ବିଦ୍ୟୁତ୍‌କରଣ୍, ଉଚ୍ଚରକ୍ତଚାପ ଆଉ ମଧୁମେହ ରୋଗର୍ ନିରୂପଣ ସ୍ୱୟଂ ସହାୟକ ଗୋଷ୍ଠୀକେ ରେଭଲ୍‌ଭିଂ ଫଣ୍ଡ୍ ଦେବାର୍ ବାବ୍‌ଦେ ବୈଠକ୍‌ଥି ସମୀକ୍ଷା କରାଯାଇଥିଲା ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଶୁନାଯାଇପାର୍ବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ମୌସୁମୀର୍ ପ୍ରଭାବ୍ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା କାଏଲ୍ ସମ୍ବଲ୍ପୁର୍, ଦେବ୍ଗଡ୍, ମୟୁର୍ଭଞ୍ଜ୍ ଆର୍ କେନ୍ଦୁଝର୍ ନ ଜବର୍ ବର୍ଷା ହେବା । ସେନ୍ତା ବର୍ଗଡ଼୍, ସୁବର୍ଣ୍ଣପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବଲାଙ୍ଗିର୍, ନୂଆପଡ଼ା ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲା ନ ବର୍ଷା

ହେଇପାରେ ବଲି ଆଂଚଲିକ୍ ପାଣିପାଗ୍ କେନ୍ଦ୍ର, ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ ।